# ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ : ସମ୍ବଲପୁର

Phone : 0663-2410343, Email ID : dwosambalpur123@gmail.com

ବିଜ୍ଞାପନ ସଂଖ୍ୟା : ୩୨୬ ତାରିଖ : ୨୦.୦୨.୨୦୧୯

ଏତତ ଦ୍ୱାରା ସମ୍ବଲପୁର ଜିଲ୍ଲାର ସାମାଜିକ, ଅର୍ଥନୈତିକ ଓ ଜାତିଗତ ଜନଗଣନା ଅନୁଯାୟୀ ଅନଗ୍ରସର ଥିବା (SECC,2011) ଏବଂ ଅନୁସୂଚିତ ଜନଜାତି (ST) ଓ ଅନୁସୂଚିତ ଜାତି (SC) ଶ୍ରେଣୀର ଅନ୍ତର୍ଭୁକ୍ତ ଥିବା ଅଭିଭାବକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ଶିକ୍ଷାବର୍ଷ ୨୦୧୯-୨୦ ନିମନ୍ତେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ **"ଅନ୍ୱେଷା"** (ANWESHA) ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶ୍ରେଣୀର ପିଲାମାନେ [ (ଉଭୟ ପୁଅ ଓ ଝିଅ) ଯେଉଁ ମାନଙ୍କ ବୟସ ତା. ୩୧.୦୩.୨୦୧୯ ସୁଦ୍ଧା ୫ ବର୍ଷ ପୂରଣ ହୋଇଥିବ ଏବଂ ୭ ବର୍ଷରୁ କମ ହୋଇଥିବ ] ସହରାଞ୍ଚଳରେ ଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡିକରେ Standard-I (ପ୍ରଥମ ଶ୍ରେଣୀ) ରେ ପଢିବାର ସୁଯୋଗ ପାଇବେ । ସହରାଞ୍ଚଳ ବିଦ୍ୟାଳୟ ରେ ଥିବା ହଷ୍ଟେଲ ରେ ରହିବା, ଖାଇବା, ବିଦ୍ୟାଳୟକୁ ଯିବା ଆସିବା ତଥା ପାଠ୍ୟ ଉପକରଣ, ପୋଷାକ ପତ୍ର ଇତ୍ୟାଦିର ସମସ୍ତ ଖର୍ଚ୍ଚ ନିୟମାନୁଯାୟୀ ସରକାର ବହନ କରିବେ ।

ତେଣୁ ଆଗ୍ରହୀ ଅଭିଭାବକମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ର (ଜନ୍ମ ତାରିଖ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର, ପିଲାର ୨ଟି ପାସପୋର୍ଟ ଫଟୋ ଓ SECC କାର୍ଡ) ର ନକଲ ସହ ଜିଲ୍ଲା ମଙ୍ଗଳ ଅଧିକାରୀ(DWO) ଙ୍କ କାର୍ଯ୍ୟାଳୟ, ସମ୍ବଲପୁର / ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ADWO / ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ WEO ଙ୍କ ନିକଟରେ ଦାଖଲ କରିବେ । ଏହି ଫର୍ମ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ / ସମସ୍ତ ଉପ-ଜିଲ୍ଲାପାଳ/ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଏହାର ସବିଶେଷ ବିବରଣୀ ଜିଲ୍ଲା ୱେବ ସାଇଟ ରେ ମଧ୍ୟ ଉପଲବ୍ଧ ଅଛି । ଛାତ୍ର ଛାତ୍ରୀ ମାନଙ୍କ ଚୟନ ଓ ନାମଲେଖା ସରକାରଙ୍କ ନିର୍ଦ୍ଦେଶାନୁସାରେ ଅନୁସୂଚିତ ଜନଜାତି ୭୦% ଓ ଅନୁସୂଚିତ ଜାତି ୩୦% ଆଧାରରେ ଲଟେରୀ ମାଧ୍ୟମରେ କରାଯିବ ।

ଆବେଦନ ଫର୍ମ ଦାଖଲର ଶେଷ ତାରିଖ ୦୮.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ । ନିର୍ଦ୍ଦିଷ୍ଟ ତାରିଖ ପରେ ହସ୍ତଗତ, ଅସମ୍ପୂର୍ଣ୍ଣ ଓ ପ୍ରମାଣପତ୍ର ବିହିନ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

ଜିଲ୍ଲା ମଙ୍ଗଳ ଅଧିକାରୀ,
ସମ୍ବଲପୁର

Memo No. 327 / SSD Dtd. 20.02.2019

Copy to Advertisement Manager, The Samaj for information and necessary action. He is informed to publish the advertisement in one day publication only.

District Welfare Officer,
Sambalpur

Memo No. 328 / SSD Dtd. 20.02.2019

Copy to District Informatics Officer, NIC, Sambalpur for information and necessary action. He is requested to hoist the advertisement in the District website.

District Welfare Officer,
Sambalpur

Memo No. 329 / SSD Dtd. 20.02.2019

Copy to all Sub-Collectors / P.A., ITDA, Kuchinda / all Block Development Officers/ District Education Officer, Sambalpur / D.P.C.,SSA, Sambalpur / D.S.W.O., Sambalpur / C.I.(SSD), Sambalpur / D.I.(SSD), Sambalpur for information and necessary action. They are requested to display a copy in the office notice board and to take steps for wide publication through their field functionaries.

District Welfare Officer,
Sambalpur